# NATIONAL NEWS BULLETIN (ODIA)

**13 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଭାରତ ଉତ୍ପାଦନଭିତ୍ତିକ ଅର୍ଥନୀତି ଦ୍ୱାରା ହିଁ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ - କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।
- ବିହାର ବିଧାନସଭାର ଦ୍ୱିତୀୟ ଓ ୭ଟି ରାଜ୍ୟର ୮ଟି ବିଧାନସଭା ଆସନ ଉପନିର୍ବାଚନ ନିମନ୍ତେ ପ୍ରକାଶ ପାଇଲା ବିଜ୍ଞପ୍ତି ।

\- ଆଜି ସଂଧ୍ୟାରେ ଏନ୍‌ଡିଏ ଘୋଷଣା କରିବ ବିହାର ପ୍ରାର୍ଥୀତାଲିକା ।

- ଆଇଆର୍‌ସିଟିସି ଦୁର୍ନୀତି ମାମଲାରେ ପୂର୍ବତନ ରେଳମନ୍ତ୍ରୀ ଲାଲୁ ଯାଦବ, ତାଙ୍କ ପତ୍ନୀ ଓ ପୁଅଙ୍କୁ ଦୋଷୀସାବ୍ୟସ୍ତ କଲେ କୋର୍ଟ ।
- ତାମିଲନାଡୁରେ ଘଟିଥିବା ଦଳାଚକଟା ଘଟଣାରେ ସିବିଆଇ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ ।

ଏବଂ

- ଭାରତ-ୱେଷ୍ଟଇଣ୍ଡିଜ୍ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ୧୭୩ରନ୍‌ରୁ ଦ୍ୱିତୀୟ ଇଂନିସ ଜାରି ରଖିଛି ୱେଷ୍ଟଇଣ୍ଡିଜ୍ ।

# ପ୍ରଧାନ-ବିକଶିତ ଭାରତ ବିଲ୍ଡାଥନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଭାରତ ଉତ୍ପାଦନଭିତ୍ତିକ ଅର୍ଥନୀତି ଦ୍ୱାରା ହିଁ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ । ଆଜି ଭାରତର ସର୍ବବୃହତ୍ ହାକାଥନ "ବିକଶିତ ଭାରତ ବିଲ୍ଡାଥନ ୨୦୨୫"କୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନ ଆଧାରିତ ଶତାବ୍ଦୀ । ଭାରତ ବିଶ୍ୱରେ ଜ୍ଞାନ ଏବଂ ଅର୍ଥନୀତି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି । ବିକଶିତ ରାଷ୍ଟ୍ର ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଭାରତ' ଆଗାମୀ ଦିନରେ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ସମାଧାନ ସହ ଉନ୍ନତମାନର ଜ୍ଞାନକୌଶଳ ଓ ସେଥିପ୍ରତି ଏକ ସ୍ୱଷ୍ଟ ଦୃଷ୍ଟି ରଖିବା ଆବଶ୍ୟକ । ଆଜି ଅନୁଷ୍ଠିତ ବିଲ୍ଡାଥନରେ ଦେଶର ୩ଲକ୍ଷ ସ୍କୁଲର ୨୫ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ଆଭାସୀ ଜରିଆରେ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଥିଲେ

**V/O (Dharmendra Pradhan-1)**

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ, ଅଟଳ ନବସୃଜନ ଅଭିଯାନ ଏବଂ ନୀତି ଆୟୋଗ ଦ୍ୱାରା ଆୟୋଜିତ ବିକଶିତ ଭାରତ ବିଲ୍ଡାଥନ କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସୃଜନଶୀଳତା ଓ ସମସ୍ୟା ସମାଧାନ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ମଞ୍ଚ ପ୍ରଦାନ କରାଯାଇଛି । ଏହାକୁ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

**V/O (Dharmendra Pradhan-2)**

# ବିହାର ନୋଟିଫିକେସନ୍

ନିର୍ବାଚନ ଆୟୋଗ ଆଜି ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏହି ପର୍ଯ୍ୟାୟରେ ୨୦ଟି ଜିଲ୍ଲାର ୧୨୨ଟି ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ଚଳିତ ମାସ ୨୦ ତାରିଖ ରହିଛି । ୨୧ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୨୩ ତାରିଖ ସୁଦ୍ଧା ପ୍ରତ୍ୟାହାର ଲାଗି ସମୟ ଧାର୍ଯ୍ୟ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତା ନଭେମ୍ବର ୧୧ ତାରିଖରେ ଭୋଟ ଗ୍ରହଣ ହେବ । ଉଭୟ ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସରିବା ପରେ ନଭେମ୍ବର ୧୪ ତାରିଖରେ ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ନିର୍ବାଚନର ଭୋଟ ଗଣତି ହେବ । ମୋଟ୍ ୭ କୋଟି ୪୨ ଲକ୍ଷରୁ ଅଧିକ ଭୋଟର ମତଦାନ ପ୍ରକ୍ରିୟାରେ ସାମିଲ ହେବେ ।

ପ୍ରାର୍ଥିପତ୍ର ଦାଖଲ ପାଇଁ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ସମୟଧାର୍ଯ୍ୟ କରାଯାଇଥିବାବେଳେ ଆୟୋଗଙ୍କ ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୂଚନା ଅନୁଯାୟୀ ଦ୍ୱିତୀୟ ପର୍ଯ୍ୟାୟରେ ବିହାରର ପଶ୍ଚିମ ଚମ୍ପାରନ, ପୂର୍ବ ଚମ୍ପାରନ, ସୀତାମାଢ଼ଇ, ସେଓହର୍ ମଧୁବନୀ, ସୁପାଲ, ଆରାରିଆ, କିଶନଗଞ୍ଜ, ପୂର୍ଣ୍ଣିଆ ଏବଂ କଟିହା ଜିଲ୍ଲା ରହିଛି । ଏଥିସହିତ ଭାଗଲପୁର, ବାଙ୍କା, ଜାମୁଇ, ନୌୱାଡା, ଗୟା, ଔରଙ୍ଗାବାଦ, ଜେହାନାବାଦ,

ଅରୱ୍ୱଲ, କୈମୁର ଏବଂ ରୋହତକ ଜିଲ୍ଲାରେ ମଧ୍ୟ ନିର୍ବାଚନ ଅନୁଷ୍ଠିତ ହେବ ।

## ଇସି-ବାଇ ଇଲେକ୍ସନ

୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ଆଜି ନିର୍ବାଚନ ଆୟୋଗ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏହି ବିଧାନସଭା ଆସନଗୁଡ଼ିକ ହେଉଛି ଜାମ୍ମୁ-କାଶ୍ମୀରର ବୁଦଗାଓଁ ଏବଂ ନଗ୍ରୋଟା, ରାଜସ୍ଥାନର ଅନ୍ତା, ଝାଡ଼ଖଣ୍ଡର ଘାଟଶିଳା, ତେଲେଙ୍ଗାନାର ଜୁବୁଲି ହିଲ୍ସ, ପଞ୍ଜାବର ତରନତାରନ, ମିଜୋରାମର ଡମ୍ପା ଏବଂ ଓଡ଼ିଶାର ନୂଆପଡା । ଚଳିତମାସ ୨୦ ତାରିଖ ପର୍ଯ୍ୟନ୍ତ ଜାମ୍ମୁକାଶ୍ମୀର ଏବଂ ଓଡ଼ିଶା ଓ ୨୧ ତାରିଖ ପର୍ଯ୍ୟନ୍ତ ଝାଡ଼ଖଣ୍ଡ, ମିଜୋରାମ, ପଞ୍ଜାବ, ତେଲେଙ୍ଗାନା ଓ ରାଜସ୍ଥାନ ପାଇଁ ପ୍ରାର୍ଥୀପତ୍ର ଦାଖଲର ଶେଷଦିନ ରହିଛି । ଏହିସବୁ ଆସନ ଗୁଡ଼ିକରେ ଆସନ୍ତାମାସ ୧୧ ତାରିଖରେ ଭୋଟ୍‌ଗ୍ରହଣ କରାଯାଇ ୧୪ ତାରିଖରେ ଭୋଟ୍‌ଗଣତି କରାଯିବ ।

## ବିହାର ଇଲେକ୍ସନ କ୍ୟାଣ୍ଡିଡେଟ

ବିହାର ବିଜେପି ଅଧ୍ୟକ୍ଷ ଡକ୍ଟର ଦିଲ୍ଲୀପ ଜୟସ୍ୱାଲ କହିଛନ୍ତି ଦଳ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ପ୍ରାର୍ଥୀତାଲିକା ଚୂଡାନ୍ତ ହୋଇଛି ଏବଂ ଆଜି ସଂଧ୍ୟାରେ ଏହା ଘୋଷଣା କରାଯିବ । ପାଟ୍‌ନାଠାରେ ଆଜି ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଡକ୍ଟର ଜୟସ୍ୱାଲ କହିଛନ୍ତି ଅଂଶୀଦାର

ଦଳଗୁଡ଼ିକ ସହ ପ୍ରାର୍ଥୀତାଲିକା ଚୂଡାନ୍ତ ହୋଇସାରିଛି । ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍‌ଡିଏରେ ସାମିଲ ଥିବା ଜନତା ଦଳ ୟୁନାଇଟେଡ୍ ଆଜି ତା'ର ପ୍ରାର୍ଥୀ ତାଲିକା ଘୋଷଣା କରିବାର ସମ୍ଭାବନା ରହିଛି । ସେହିପରି ଜନସୂରଜ ପାର୍ଟି ଆଜି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ପ୍ରାର୍ଥୀତାଲିକା ଘୋଷଣା କରିବେ ବୋଲି ଜଣାପଡିଛି । ପୂର୍ବରୁ ପ୍ରଥମ ପର୍ଯ୍ୟାୟ ଲାଗି ଦଳପକ୍ଷରୁ ୫୧ଜଣିଆ ପ୍ରାର୍ଥୀତାଲିକା ଘୋଷଣା ହୋଇସାରିଛି । ହିନ୍ଦୁସ୍ତାନୀ ଆବାମ ମୋର୍ଚ୍ଚାର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଜିତନରାମ ମାଞ୍ଝି କହିଛନ୍ତି ବିହାରରେ ଅନେକଗୁଡ଼ିଏ ବିକାଶମୂଳକ କାର୍ଯ୍ୟ କରାଯାଇଛି ଏବଂ ଆଗାମୀ ଦିନରେ ଏନ୍‌ଡିଏ ମେଣ୍ଟକୁ ସୁଦୃଢ଼ କରିବା ଲାଗି ଦଳ କାର୍ଯ୍ୟ କରିବ ।

**V/O (Jitanram Majhi)**

ଇତିମଧ୍ୟରେ  କଂଗ୍ରେସ ନେତୃତ୍ୱାଧୀନ ମହାମେଣ୍ଟରେ ସିଟ୍ ଆବଣ୍ଟନ ଲାଗି ଆଲୋଚନା ଚାଲିଛି । ବିହାର କଂଗ୍ରେସ ଅଧ୍ୟକ୍ଷ ରାଜେଶ ରାମ କହିଛନ୍ତି ଖୁବ୍‌ଶୀଘ୍ର ଆସନ ବୁଝାମଣା ହେବା ପରେ ପ୍ରାର୍ଥୀତାଲିକା ଘୋଷଣା କରାଯିବ । ଆର୍‌ଜେଡି ନେତା ତଥା ରାଜ୍ୟସଭା ସାଂସଦ ସଞ୍ଜୟ ଯାଦବ କହିଛନ୍ତି ଟିକଟ ଆବଣ୍ଟନ ନେଇ ଦଳରେ ଦେଖାଦେଇଥିବା ସମସ୍ୟା ସୂର ହୋଇଛି ।

## ଲାଲୁ ଯାଦବ

ଦିଲ୍ଲୀର ରାଉସ ଆଭେନ୍ୟୁ କୋର୍ଟ ରାଷ୍ଟ୍ରୀୟ ଜନତା ଦଳ ଅଧ୍ୟକ୍ଷ ଲାଲୁ ପ୍ରସାଦ, ତାଙ୍କ ପତ୍ନୀ ରାବିଡି ଦେବୀ, ପୁଅ ତେଜସ୍ୱୀ ଯାଦବ ଏବଂ

ଅନ୍ୟ କେତେଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଆଇଆର୍‌ସିଟିସି ଦୁର୍ନୀତିରେ ନ୍ୟାୟାଳୟ ପକ୍ଷରୁ ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗନେ ଏହି ନିର୍ଦ୍ଦେଶ ଦେଇଛନ୍ତି । ନ୍ୟାୟାଳୟ ପକ୍ଷରୁ ୩ଜଣଙ୍କ ବିରୋଧରେ ଭ୍ରଷ୍ଟାଚାର, ଅପରାଧିକ ଷଡ଼ଯନ୍ତ୍ର ଏବଂ ଠକେଇ ଭଳି ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି । ତେବେ ଅଭିଯୁକ୍ତମାନେ ନିଜକୁ ନିର୍ଦ୍ଦୋଷ କହିଥିବାରୁ ମାମଲା ଜାରି ରହିବ ବୋଲି କୋର୍ଟ ପକ୍ଷରୁ କୁହାଯାଇଛି ।

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସିବିଆଇ ଲାଲୁ ଯାଦବ ଏବଂ ତାଙ୍କ ପରିବାର ପକ୍ଷରୁ ଲୋକମାନଙ୍କୁ ଚାକିରୀ ଦେବା ବଦଳରେ ଜମି ଗ୍ରହଣ କରାଯାଇଥିବା କୁହାଯାଇଛି । ଲାଲୁ ଯାଦବ ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ କେନ୍ଦ୍ରରେ ରେଳମନ୍ତ୍ରୀ ଥିବାବେଳେ ବିଭିନ୍ନ ବେସରକାରୀ ସଂସ୍ଥାଗୁଡ଼ିକୁ ଅନୁଗ୍ରହ ଦେଖାଯାଇଥିବା କୁହାଯାଇଛି । ଅନ୍ୟପକ୍ଷରେ ରାଞ୍ଚି ଏବଂ ପୁରୀରେ ଥିବା ୨ଟି ଆଇଆର୍‌ସିଟିସି ହୋଟେଲକୁ ଲିଜ୍ ସୂତ୍ରରେ ସୁଜାତା ହୋଟେଲକୁ ଅନ୍ୟାୟୋଚିତ ଉପାୟରେ ଦିଆଯାଇଥିବା ସିବିଆଇ ଅଭିଯୋଗ କରିଛି ।

## ଏସ୍‌ସି-କରୁର

ତାମିଲନାଡୁର କରୁର୍‌ରେ ଘଟିଥିବା ଦଳାଚକଟା ଘଟଣାର ସିବିଆଇ ତଦନ୍ତ ଲାଗି ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ଗତମାସ ୨୭ ତାରିଖରେ ତାମିଲଗା ଭେଟ୍ରି କଜଗମ ରାଜନୈତିକ ଦଳର ରାଜନୈତିକ ର୍‍ୟାଲି ସମୟରେ ଦଳାଚକଟା ଘଟି ୪୧ଜଣଙ୍କ ମୃତ୍ୟୁ ହୋଇଥିଲା । ଏହି

ଘଟଣାର ତଦନ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଗୋଷ୍ଠୀଦ୍ୱାରା କରିବା ନେଇ ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ଦଳର ମୁଖ୍ୟ ତାମିଲ ଅଭିନେତା ବିଜୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

ଜଷ୍ଟିସ ଜେ.କେ.ମାହେଶ୍ୱରୀ ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଘଟଣାର ସିବିଆଇ ତଦନ୍ତ ଲାଗି ନିର୍ଦ୍ଦେଶ ଦେବା ସହ ସୁପ୍ରିମକୋର୍ଟଙ୍କ ଏକ ତିନିଜଣିଆ କମିଟି ତଦନ୍ତର ତଦାରଖ କରିବ ବୋଲି କହିଛନ୍ତି । କମିଟିର ମୁଖ୍ୟ ଭାବେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅଜୟ ରସ୍ତୋଗି ଦାୟିତ୍ୱ ତୁଲାଇବେ । ଏହି କମିଟିରେ ଭାରତୀୟ ପୋଲିସ ସେବାର ୨ଜଣ ଅଧିକାରୀ ମଧ୍ୟ ତଦନ୍ତ କାର୍ଯ୍ୟର ତଦାରଖ କରିବେ । ସୁପ୍ରିମକୋର୍ଟ କହିଛନ୍ତି ଜଷ୍ଟିସ ରସ୍ତୋଗି ସେହି ଦୁଇଜଣଙ୍କୁ ଚୟନ କରିବେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅନ୍‌ଲାଇନ୍ ଏବଂ ସାମାଜିକ ଗଣମାଧ୍ୟମ ଅପରାଧରୁ ସୁରକ୍ଷିତ ରହିବା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଗୁରୁଗ୍ରାମର ସାଇବର ଅପରାଧ ଆରକ୍ଷି ଅଧିକ୍ଷକ ପ୍ରିୟାଂଶୁ ଦିୱାନ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ

ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଇସ୍ରାଏଲ ହଷ୍ଟେଜ

ହମାସ୍ ପକ୍ଷରୁ ଆଜି ୭ଜଣ ପଣବନ୍ଦୀଙ୍କୁ ମୁକ୍ତ କରାଯାଇ ରେଡକ୍ରସକୁ ଦିଆଯାଇଛି । ଅସ୍ତ୍ରବିରତି ଯୋଜନାର ପ୍ରଥମ ପଦକ୍ଷେପ ସ୍ୱରୂପ ପଣବନ୍ଦୀଙ୍କୁ ମୁକ୍ତକରିବା କାର୍ଯ୍ୟ ଆରମ୍ଭ ହୋଇଛି । ହମାସ୍ ପକ୍ଷରୁ କୁହାଯାଇଛି ଇସ୍ରାଏଲରେ ବନ୍ଦୀ ଥିବା ୧ହଜାର ୯୦୦ ପାଲେଷ୍ଟାଇନ୍ ନାଗରିକଙ୍କ ବଦଳରେ ୨୦ଜଣ ପଣବନ୍ଦୀଙ୍କୁ ହସ୍ତାନ୍ତର କରାଯିବ । ରେଡକ୍ରସ ସେହି ପଣବନ୍ଦୀମାନଙ୍କୁ ହମାସ୍‌ଠାରୁ ଗ୍ରହଣ କରିବା ପରେ ଇସ୍ରାଏଲକୁ ପଠାଇବ ।

ସୂଚନା ଅନୁଯାୟୀ ୩ଟି ପର୍ଯ୍ୟାୟରେ ୨୦ଜଣ ପଣବନ୍ଦୀଙ୍କୁ ମୁକ୍ତ କରାଯିବ । ହମାସ୍ ଓ ଇସ୍ରାଏଲ ମଧ୍ୟରେ ଅସ୍ତ୍ରବିରତି ସଠିକ୍ ଭାବରେ ହେଉଛି କି ନାହିଁ ତାହା ତଦାରଖ କରିବା ଲାଗି ଆମେରିକାର ଏକ

୨୦୦ଜଣିଆ ସୈନ୍ୟ ଦଳ ନଜର ରଖିଛନ୍ତି । ଇତିମଧ୍ୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେଲଆଭିବରେ ପହଞ୍ଚିଛନ୍ତି । ହ୍ୱାଇଟ୍ ହାଉସ୍‌ରୁ ମିଳିଥିବା ସୂଚନା ଅନୁଯାୟୀ ଶ୍ରୀ ଟ୍ରମ୍ପ ଇସ୍ରାଏଲ ପଣବନ୍ଦୀଙ୍କ ପରିବାରବର୍ଗଙ୍କ ସହ ସାକ୍ଷାତ୍ କରିବା ପରେ ଇସ୍ରାଏଲ ସଂସଦରେ ଉଦ୍‌ବୋଧନ ଦେବେ । ପରେ ଶ୍ରୀ ଟ୍ରମ୍ପ ଇଜିପ୍ଟ ଗସ୍ତ କରି ସେଠାରେ ଶାନ୍ତି ଚୁକ୍ତି ସମ୍ମିଳନୀରେ ଅଂଶଗ୍ରହଣ କରିବେ । ଏଥିରେ ୨୦ଟି ଦେଶର ନେତାମାନେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି ।

ଆଜିର ବୈଠକରେ ଗାଜା ଷ୍ଟ୍ରିପ୍‌ରେ ସଂଘର୍ଷ ଶେଷ କରିବା, ଆଞ୍ଚଳିକ ଶାନ୍ତି ପ୍ରୟାସ ବୃଦ୍ଧି ଏବଂ ପଶ୍ଚିମ ଏସିଆରେ ସୁରକ୍ଷା ଦୃଢ଼ କରିବା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହେବ ।

କେନ୍ଦ୍ର ପରିବେଶ ରାଷ୍ଟ୍ର ମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଗାଜା ଶାନ୍ତି ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରିବେ । ସେ କାଏରୋରେ ପହଞ୍ଚି ସାରିଥିବା ଜଣାପଡିଛି । ଗତ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରାଏଲ୍ ଓ ହମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଶାନ୍ତି ବୈଠକକୁ ସ୍ୱାଗତ କରିଥିଲେ ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଉଦ୍ୟମ ଫଳରେ ଏହି ଶାନ୍ତି ଚୁକ୍ତି ଚୂଡ଼ାନ୍ତ ରୂପ ନେବାକୁ ଯାଉଛି । ତେବେ  ଆଜିର ବୈଠକରେ ଇସ୍ରାଏଲ୍, ହମାସ ଏବଂ ପାଲେଷ୍ଟାଇନ୍ କର୍ତ୍ତୃପକ୍ଷ ଯୋଗଦେବେ ନାହିଁ । ଗତ ଶୁକ୍ରବାର ଦିନ ଇଜିପ୍ଟ, କତାର ଏବଂ ତୁର୍କୀର ମଧ୍ୟସ୍ଥତାରେ ତିନି ଦିନ ଧରି

ଆଲୋଚନା ପରେ ଇସ୍ରାଏଲ୍ ଓ ହମାସ ମଧ୍ୟରେ ଅସ୍ତ୍ର ବିରତି ଚୂଡ଼ାନ୍ତ ହୋଇଥିଲା ।

## ଟେଷ୍ଟ କ୍ରିକେଟ୍

ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚାଲିଥିବା ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ରେ ଆଜି ଚତୁର୍ଥ ଦିନରେ ଗତକାଲିର ସ୍କୋର ୧୭୩ରନ୍‌ରୁ ଦ୍ୱିତୀୟ ଇଂନିସ ଜାରି ରଖିଛି । ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ୱେଷ୍ଟଇଣ୍ଡିଜ୍ ୯ ୱିକେଟ୍ ବିନିମୟରେ ୩୧୧ ରନ୍ କରିଛି ।

ପ୍ରଥମ ଇନିଂସ୍‌ରେ ଭାରତ ୫ ୱିକେଟ୍ ବିନିମୟରେ ୫୧୮ ରନ୍ କରିଥିବାବେଳେ, ୱେଷ୍ଟଇଣ୍ଡିଜ ଗତକାଲି ଫଲୋଅନର ଶିକାର ହୋଇଥିଲା ।

ଅନ୍ୟପକ୍ଷରେ ଆଇସିସି ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍ ମ୍ୟାଚ୍‌ରେ ଆଜି ବାଂଲାଦେଶ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ । ବିଶାଖାପାଟନମର **ACA-VDCA** କ୍ରିକେଟ୍ ଷ୍ଟାଡିୟମରେ ଭାରତୀୟ ସମୟ ଅପରାହ୍ଣ ୩ଟାରେ ମ୍ୟାଚ୍ ଆରମ୍ଭ ହେବ ।